To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ

THE SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ଦୀର୍ଘଦିନ ପରେ ପରଦାକୁ ଫେରିବେ କପିଳ ଶର୍ମା

R.N.I. No.-42041/83 Vol-16, Issue No.49, ଭଦ୍ରକ, ମଙ୍ଗଳବାର, ୧୪, ଅଗଷ୍ଟ ୨୦୧୮ ■ Bhadrak, Tuesday, 14 August 2018 Rs. 2.00 Pages-8

ପ୍ରବଳ ବର୍ଷିବ

- ■ ୯ ଜିଲ୍ଲାରେ ବାଦଲ ଫଟା ବର୍ଷା ସମ୍ଭାବନା
- ■ ପ୍ରସ୍ତୁତ ରହିବାକୁ ରିଲିଫ୍ କମିଶନଙ୍କ ନିର୍ଦ୍ଦେଶ
- ■ ପରସ୍ଥିତି ମୁକାବିଲା ପାଇଁ ୩୦୦ ବୋଟ ପ୍ରସ୍ତୁତ
- ■ ପବନର ବେଗ ୫୦ ରୁ ୬୦ କି.ମି ରହିବ

ଭୁବନେଶ୍ୱର, ୧୩।୮(ସକାଳଖବର): ରାଜ୍ୟରେ ଜାରି ରହିଛି ବର୍ଷା । ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟ ସାରା ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା କାଲିଠାରୁ ୧୫ ତାରିଖ ଯାଏଁ ରାଜ୍ୟ ତମାମ ବର୍ଷା ଲାଗି ରହିବ ବୋଲି ଅନୁମାନ କରିଛି ପାଣିପାଗ ବିଭାଗ । ସୂଚନାନୁଯାୟୀ, ଆସନ୍ତା ୧୩ ଏବଂ ୧୪ ତାରିଖରେ ରାଜ୍ୟର ଅଧିକାଂଶ ସ୍ଥାନରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଂଚଳରେ ଲଘୁଚାପ ସୃଷ୍ଟି ହୋଇଛି। ଯାହା ଘନୀଭୂତ ହେଉଥିବାରୁ ରାଜ୍ୟର ୯ଟି ଜିଲ୍ଲାରେ ବାଦଲଫଟା ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲା ଗୁଡିକ ହେଲା ଗଂଜାମ, ପୁରୀ, ନୟାଗଡ, ଖୋର୍ଦ୍ଧା,ସମ୍ବଲପୁର ,ବୌଦ ,କଟକ, ଜଗତସିଂହପୁର ଓ କନ୍ଧମାଳ। ଏହାର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନକୁ ପ୍ରସ୍ତୁତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଉପ ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଭାତ ରଂଜନ ମହାପାତ୍ର କହିଛନ୍ତି। ପରିସ୍ଥିତି ମୁକାବିଲା ପାଇଁ ୩୦୦ ବୋଟ୍ ପ୍ରସ୍ତୁତ ରହିଛି।

ସେ ଆହୁରି କହିଛନ୍ତି ଯେ ଉପରୋକ୍ତ ୯ଟି ଜିଲ୍ଲା ବ୍ୟତୀତ ଆଉ ୯ଟି ଜିଲ୍ଲାରେ ମଧ୍ୟ ବର୍ଷା ହୋଇପାରେ। ଏହି ଜିଲ୍ଲା ଗୁଡିକ ହେଲା କଳାହାଣ୍ଡି, ରାୟଗଡା, ଅନୁଗୁଳ,ଗଜପତି, କେନ୍ଦ୍ରାପଡା, ଦେବଗଡ, ସୁନ୍ଦରଗଡ, ଝାରସୁଗୁଡା ଏବଂ ବରଗଡା ଏହି ସବୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସହ ଘଡଘଡ଼ି ଓ ପବନ ବୋହିବାର ଆଶଙ୍କା ମଧ କରାଯାଉଛି। ପବନର ବେଗ ଘଂଟାକୁ କିମି ପ୍ରତି ୫୦ରୁ ୬୦ ରହିବ। ଏହି ସମୟ ମଧରେ ସମୁଦ୍ର ଅଶାନ୍ତ ରହିବ । ତେଣୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର କୁ ନଯିବାକୁ ପରାମର୍ଶ ଦିଆଯାଇଛି ।

ବର୍ଷା ଜଳରେ ଭାସିଯାଇ ଜଣେ ମୃତ

ଭୁବନେଶ୍ୱର, ୧୩।୮(ସକାଳଖବର): ଆଜି ରାଜଧାନୀରେ ତୁହାକୁ ତାହା ହୋଇଥିବା ପ୍ରବଳ ବର୍ଷା ହୋଇଥିଲା । ଚାରିଆଡେ ଜଳମଗ୍ନ ହୋଇଯାଇଥିଲା । ଏଥିରେ ୬ ନମ୍ବର ୟୁନିଟ୍ ସ୍ଥିତ ବନଦୁର୍ଗା ଅଂଚଳର ହରି ପଟ୍ଟନାୟକ ନାମକ ଜନୈକ ବ୍ୟକ୍ତି ପାଣିରେ ଭାସି ଯାଇଥିଲେ । ଅଗ୍ନିଶମ ସଂସ୍ଥାର କର୍ମଚାରୀ ତାଙ୍କର ଶବକୁ ନାଳ ଭିତରୁ ଉଦ୍ଧାର କରିଥିଲେ । ଶବ ଉଦ୍ଧାର ପରେ ଏହାକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସପିଟାଲକୁ ପଠାଇଥିଲେ ।

ବର୍ଷା ପାଇଁ ବିଏମସିର ବ୍ୟାପକ ପ୍ରସ୍ତୁତି

ଭୁବନେଶ୍ୱର, ୧୩।୮(ସକାଳଖବର): ବର୍ଷାକୁ ଦୃଷ୍ଟିରେ ରଖି ବିଏମସି ପକ୍ଷରୁ ଭୁବନେଶ୍ୱରକୁ ୧୩ଟି ସବଜୋନରେ ବିଭକ୍ତ କରାଯାଇ ଦାୟିତ୍ୱ ବଂଟନ କରାଯାଇଛି । ପ୍ରତି ସବଜୋନରେ ଜଣେଲେଖାଏଁ ବରିଷ୍ଠ ଅଧିକାରୀ ଦାୟିତ୍ୱରେ ରହିବେ ବୋଲି ମେୟର ଅନନ୍ତ ନାରୟଣ ଜେନା ପ୍ରକାଶ କରିଛନ୍ତି । ବିଏମସି ପକ୍ଷରୁ ଜାରିହେଲା ୨ଟି ଟୋଲ ଫ୍ରି ହେଲପ ଲାଇନ ନମ୍ବର । ସେଗୁଡ଼ିକ ହେଲା ୦୬୭୪-୨୫୪୮୨୯୫, ୧୮୦୦୩୪୫୦୦୬୧ ।

ବୋଲବମ୍ ଯାତ୍ରା ହେଲା ଶେଷ ଯାତ୍ରା

ଟ୍ରେନ୍ ଧକ୍କାରେ ୪ କାଉଡିଆ ମୃତ

ରାଉରକେଲା, ୧୩।୮(ସକାଳଖବର): ରାଉରକେଲା ର ପାନପୋଷ ବ୍ରାହ୍ମଣୀ ପୋଲ ଉପରେ ଟ୍ରେନ୍ ଧକ୍କାରେ ୪ଜଣ କାଉଡିଆଙ୍କର ମୃତ୍ୟୁ ଘଟିଛି। ବୋଲବମ୍ ଯାତ୍ରା ସେମାନଙ୍କ ପାଇଁ ଶେଷ ଯାତ୍ରା ହୋଇଛି । ମୃତକମାନେ ଛତିଶଗଡ ଭିଲାଇ ଅଂଚଳର ବୋଲି ଜଣାପଡିଛି। ମୃତକଙ୍କ ମଧ୍ୟରେ ଜଣେ ମହିଳା ମଧ୍ୟ ରହିଛନ୍ତି।

ଖବରରୁ ପ୍ରକାଶ ଯେ ଗତକାଲି ଛତିସଗଡ ଭିଲାଇରୁ ଗୋଟିଏ ପରିବାରର ୭ଜଣ ଘୋଗଡ ଶିବମନ୍ଦିରରେ ଜଳାଭିଷେକ ଲାଗି ଆସି ପ୍ରଥମେ ଝାରସୁଗୁଡାରେ ପହଂଚିବା ପରେ ଇଂଟରସିଟିରେ ରାଉରକେଲା ଆସିଥିଲେ ।ସେମାନଙ୍କ ଯୋଜନା ଅନୁଯାୟୀ ବେଦବ୍ୟାସରୁ ପାଣିନେଇ ସେଠାରୁ ଘୋଗଡ ମନ୍ଦିର ଚାଲିଚାଲି ଯାଇଥାନ୍ତେ ।ହେଲେ ପାନପୋଷ ରେଳଲାଇନ ଦେଇ ବ୍ରାହ୍ମଣୀ ପୋଲ ଅତିକ୍ରମ କରି ବେଦବ୍ୟାସ ଅଭିମୁଖେ ଆଗପଛହୋଇ ୭ଜଣ ଜାଉଥିବା ବେଳେ, ସମୟ ପ୍ରାୟ ରାତି ୧୦.୩୦ ବେଳେ ଏମାନେ ଚାଲିଥିବା ଟ୍ରାକରେ ଏକ ଏକ୍ସପ୍ରେସ ଟ୍ରେନ ଆସିବାରୁ ୪ଜଣଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରୁ ଖଣ୍ଡ ବିଖଣ୍ଡିତ ହୋଇ ନଦୀ ତଳକୁ ଚାରିଜଣ ଖସିପଡିଥିଲେ । ଅନ୍ୟ ୩ଜଣ ପୋଲରୁ ତଳକୁ ଡେଇଁପଡି ଆହତ ହୋଛନ୍ତି । ମୃତକମାନେ ହେଲେ ନିଲେସ ଦାସ,ଲକି ଦାସ,**(ପୃଷ୍ଠା-୭)**

ଓଆରଏଚଡିସି ଆର୍ଥିକ ଅନିୟମିତତା ମାମଲା

ଆଇଏଏସ୍ ବିନୋଦ୍ କୁମାରଙ୍କୁ ଜାମିନ

ଭୁବନେଶ୍ୱର, ୧୩।୮(ସକାଳଖବର): ଓଆରଏଚଡିସି ଆର୍ଥିକ ଅନିୟମିତତା ମାମଲାରେ ଗିରଫ ହୋଇ ଝାରପଡା ଜେଲ ରେ ଥିବା ପୂର୍ବତନ ଏମଡି ତଥା ଆଇଏଏସ୍ ଅଧିକାରୀ ବିନୋଦ କୁମାର ଓ ପୂର୍ବତନ ଆକାଉଂଟାଂଟ ପୂର୍ଣ୍ଣଚନ୍ଦ୍ର ଦାସଙ୍କୁ ସୋମବାର ହାଇକୋର୍ଟରୁ ଜାମିନ୍ ମିଳିଛି। ତେବେ ଜାମିନ୍ ର ସର୍ତାବଳୀ ତଳ କୋର୍ଟ ନିର୍ଦ୍ଧାରଣ କରିବା ପାଇଁ **(ପୃଷ୍ଠା-୭)**

ଚୀନ୍ ରେ ଆୟୋଜିତ ହେବ ମେକ୍ ଇନ୍ ଓଡିଶା ରୋଡ୍ ଶୋ

ଭୁବନେଶ୍ୱର, ୧୩।୮(ସକାଳଖବର): ବିଜେଶୀ ପୁଂଜିନିବେଶକାରୀ ମାନଙ୍କୁ ଆକୃଷ୍ଟ କରିବା ପାଇଁ ଚୀନ୍ ରେ ମେକ୍ ଇନ୍ ଓଡିଶା ରୋଡ୍ ଶୋ କରାଯିବ ବୋଲି ଶିଳ୍ପ ମନ୍ତ୍ରୀ ଅନନ୍ତ ଦାସ ପ୍ରକାଶ କରିଛନ୍ତି। ଓଡିଶାରେ ପୁଂଜି ନିବେଶକାରୀ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଚୀନ୍ ରୁ ଏକ ଶିଳ୍ପ ପ୍ରତିନିଧି ଦଳ ଆଗ୍ରହ ପ୍ରକାଶ କରିଛନ୍ତି। ଏସମ୍ପର୍କରେ ସୂଚନା ଦେଇ ଶିଳ୍ପମନ୍ତ୍ରୀ ଶ୍ରୀ ଅନନ୍ତ ଦାସ ସାମ୍ବାଦିକ ମାନଙ୍କୁ କହିଥିଲେ ଯେ ଚୀନର ଫୁଜିଆନ ପ୍ରୋଭିନ୍ସରୁ ଆସିଥିବା ଏହି ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ସାକ୍ଷାତ କରି ଓଡିଶାରେ ଶିଳ୍ପ ପ୍ରତିଷ୍ଠା କରିବା ଲାଗି ଇଚ୍ଛା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ନେଇ ଶିଳ୍ପମନ୍ତ୍ରୀ କହଛନ୍ତି ଯେ ଅଗଷ୍ଟ ଶେଷ ସୁଦ୍ଧା ଓଡିଶାର ଏକ ଶିଳ୍ପ ପ୍ରତିନିଧି ଦଳ ଚୀନ୍ ଯିବ। ଏଥିରେ ସେ ନିଜେ ଅଧ୍ୟକ୍ଷତା କରିବେ । ଉକ୍ତ ଦଳରେ ୬ରୁ ୭ ଜଣ ସଦସ୍ୟ ରହିବେ ।

ଆଲୋଚନା କାଳରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କହିଥିଲେଯେ ଓଡିଶାରେ ଶିଳ୍ପ ପ୍ରତିଷ୍ଠ ।କରିବା ପାଇଁ ସରକାରଙ୍କ ପକ୍ଷରୁ ସବୁ ପ୍ରକାର ଭିତିଭୂମି, ସୁରକ୍ଷା, କଂଚାମାଲ ଯୋଗାଇ ଦେବ । ଶିଳ୍ପ ପାଇଁ ଏଠାରେ ଅନୁକୂଳ ବାତାବରଣ ରହିଛି। ଏହା ବ୍ୟତୀତ ଦକ୍ଷ ମାନବ ସମ୍ବଳ ମଧ୍ୟ ରହିଛି। ଖାଦ୍ୟ ପ୍ରକ୍ରିୟାକରଣ, ଇଲେକ୍ଟ୍ରୋନିକ୍ସ ଉତ୍ପାଦନ , ପେଟ୍ରୋ କେମିକାଲସ୍ , ବୟନ ଶିଳ୍ପ, ମେଟାଲ ଡାଉନଷ୍ଟ୍ରିମ୍ ଓ ପର୍ଯ୍ୟଟନ ଆଦି କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ସହଯୋଗ ଯୋଗାଦିଆଯିବ । ହୁ ଚ୍ୟାଙ୍ଗସେଙ୍ଗ୍ ଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲା। ଓଡିଶାରୁ ଯିବାକୁ ଥିବା ପ୍ରତିନିଧି ଦଳଙ୍କ ସଫଳତା ପାଇଁ ଫୁଜିଆନ୍ ସରକାର ମଧ୍ୟ ସହଯୋଗ କରିବେ ବୋଲି ସେମାନେ କହିଥିଲେ ।

ଆର ପାରିରେ ସୋମନାଥ ଚାଟାର୍ଜୀ

ନୂଆଦିଲ୍ଲୀ, ୧୩।୮: ପୂର୍ବତନ ଲୋକ ସଭା ବାଚସ୍ପତି ସୋମନାଥ ଚାଟାର୍ଜୀଙ୍କର ସୋମବାର ସକାଳ ୮ଟା ୧୫ରେ ଏକ ଘରୋଇ ହସ୍ପିଟାଲରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ମୃତ୍ୟୁ ସମୟ ବେଳକୁ ତାଙ୍କୁ ୮୯ ବର୍ଷ ହୋଇଥିଲା । ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ରବିବାର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେ ୧୯୭୧ରୁ ୨୦୦୯ ପର୍ଯ୍ୟନ୍ତ ଏମ୍‌ପି ଥିଲେ । ୧୯୨୯ ଜୁଲାଇ ୨୫ରେ ଆସାମର ତେଜ୍‌ପୁରଠାରେ ଜନ୍ମଗ୍ରହଣ କରିଥିଲେ । ଶ୍ରୀ ଚାଟାର୍ଜୀ ୨୦୦୪-୦୯ ପର୍ଯ୍ୟନ୍ତ ଲୋକସଭାର ତ୍ରୋୟୋଦଶତମ ବାଚସ୍ପତି ଥିଲେ । ପେଶାରେ ସେ ଜଣେ ଓକିଲ ଥିବାବେଳେ ରାଜନୀତିରେ ସକ୍ରିୟ ହେବା ପୂର୍ବରୁ କଲିକତା ହାଇକୋର୍ଟରେ ଓକିଲ ଭାବରେ କାର୍ଯ୍ୟ କରୁଥିଲେ । ସୋମନାଥ ଚାଟାର୍ଜୀଙ୍କ ହୃଦଘାତରେ ଆକ୍ରାନ୍ତ ହେବା ପରେ ୧୦ ଅଗଷ୍ଟରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଏହା ପୂର୍ବରୁ ଶରୀର ଅସୁସ୍ଥ ହେବାରୁ ୨୮ ଜୁନରେ କଲିକତାରେ ଏକ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ଶରୀର ସୁସ୍ଥ ହେବାରୁ ଡାକ୍ତରଖାନାରୁ ଡିସଚାର୍ଜ ନେଇଥିଲେ । ଏହା ପରେ ପୁଣି ଥରେ ତାଙ୍କ ଶରୀର ଖରାପ ହେବାରୁ ୧୦ ଅଗଷ୍ଟରେ ମେଡିକାଲରେ ଭର୍ତ୍ତି ହେଲେ । ସେହି ଦିନ ଠାରୁ ମେଡିକାଲରେ ଥିଲେ ଆଜି ସକାଳେ ତାଙ୍କର ମୃତ୍ୟୁ ଘଟିଛି । ମାର୍କ୍ସବାଦୀ ନେତା ସୋମନାଥ ପଶ୍ଚିମବଙ୍ଗର ମେଦିନିପୁର ଓ ବୋଲପୁର ଲୋକସଭା ଆସନରୁ ୧୦ ଥର ସାଂସଦ ଭାବେ ନିର୍ବାଚିତ ହୋଇଥିଲେ । ୟୁପିଏ ଶାସନ ସମୟରେ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ସେ ଲୋକସଭାର ବାଚସ୍ପତି ରହିବା ସହ ସିପିଆଇ ର କେନ୍ଦ୍ର କମିଟି ସଦସ୍ୟ ଥିଲେ । ତେବେ ତାଙ୍କର ପରୋଲୋକ ଖବର ମିଳିବା ପରେ ଅନେକ ନେତା ତାଙ୍କୁ ଶେଷ ଦର୍ଶନ କରିବା ପାଇଁ ତାଙ୍କ ବାସଗୃହରେ ପହଞ୍ଚିଛନ୍ତି ସେ କଲିକତାର ଜଣେ ଜଣାଶୁଣା ବ୍ୟକ୍ତି ଥିଲେ । ଅନେକ ଥର ପଶ୍ଚିମବଙ୍ଗର ସମସ୍ୟାକୁ ନେଇ କେନ୍ଦ୍ର ସରକାରଙ୍କ ପାଖରେ ଦାବି ଉପସ୍ଥାପିତ କରିଛନ୍ତି। ଜଣେ ନେତା ଭାବରେ ସମସ୍ତଙ୍କ ସହ ତାଙ୍କର ଉତ୍ତମ ସମ୍ପର୍କ ରହିଥିଲା ବୋଲି ଜଣେ କଂଗ୍ରେସର ବରିଷ୍ଠ ନେତା ଜାତୀୟ **(ପୃଷ୍ଠା-୭)**



କାହାପ୍ରତି ଈର୍ଷା, ଦ୍ୱେଷ ଏବଂ ପ୍ରତିଶୋଧ ଭାବ ରଖନ୍ତୁ ନାହିଁ । ଭଗବାନ ସ୍ୱୟଂ ତୁମକୁ ରକ୍ଷା କରିବେ ।

ସରିଲା ଛତିଶା ନିଯୋଗ ବୈଠକ

ହୋଡିଂରେ ରହିବ ଅବଢ଼ା ମୂଲ୍ୟ

ପୁରୀ, ୧୩।୮(ସକାଳଖବର): ଶେଷ ହୋଇଛି ଛତିଶା ନିଯୋଗ ବୈଠକ । ବୈଠକରେ ବିଭିନ୍ନ ଗୁରୁତ୍ପୂର୍ଣ୍ଣ ପ୍ରସଙ୍ଗ ତଥା ସୁପ୍ରିମକୋର୍ଟ୍ ଦେଇଥିବା ନିର୍ଦ୍ଦେଶାବଳୀ ସମ୍ବନ୍ଧରେ ବ୍ୟାପକ ଆଲୋଚନା ହୋଇଛି । ଏନେଇ ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ।

ପ୍ରଶାସକଙ୍କ କହିବାନୁଯାୟୀ, ସୁପ୍ରିମକୋର୍ଟଙ୍କ ୧୨ଟି ପଏଂଟ ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି । ୧, ୨ ଏବଂ ୧୨ ନମ୍ବର ପଏଣ୍ଟକୁ ଛାଡି ଅନ୍ୟ ସବୁଥିରେ ସମସ୍ତଙ୍କ ମଧରେ ସହମତି ରହିଛି । ବାକିଥିବା ୯ଟି ପଏଣ୍ଟ ଉପରେ ନିଯୋଗ ମଧରେ କୌଣସି ମତ ପାର୍ଥକ୍ୟ ନାହିଁ । ତେବେ ବଂଶାନୁକ୍ରମିକ ସେବା ନେଇ ସେବାୟତଙ୍କ ମତାମତ ନିଆଯିବ । କିନ୍ତୁ ଜଗନ୍ନାଥ ମନ୍ଦିର ଆଇନରେ ସଂଶୋଧନ ନେଇ କୌଣସି ସହମତି ପ୍ରକାଶ ପାଇ ନଥିବା ପ୍ରଶାସକ କହିଛନ୍ତି । ସେହିପରି ଅନ୍ନଦାନ ଆଟିକା ଉପରେ ମଧ କୌଣସି ସହମତି ହୋଇ ପାରିନାହିଁ ।

ଏହା ସହ ଜଗନ୍ନାଥ ମନ୍ଦିରର ରୀତିନୀତି ଏବଂ ଯାନିଯାତ୍ରାରେ କିଛି ପରିବର୍ତନ ହେବ ନାହିଁ ବୋଲି ସୂଚନା ଦେବା ସହିତ ଏଣିକି ଅବଢ଼ାର ମୂଲ୍ୟ ସମସ୍ତ ବ୍ୟବସାୟୀ ହୋଡିଂରେ ନିର୍ଦ୍ଧାରଣ କରିବେ ବୋଲି ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଛନ୍ତି । ।

ଓଡିଶାରେ ପହଁଚିଲା ୩୦ହଜାର ଇଭିଏମ

ଝାରସୁଗୁଡା, ୧୩।୮(ସକାଳଖବର) : ଆସନ୍ତା ନିର୍ବାଚନକୁ ଆଖି ଆଗରେ ରଖି ଆଜି ରାଜ୍ୟର ୧୨ଟି ଜିଲ୍ଲା ପାଇଁ ୩୦ହଜାରରୁ ଅଧିକ ଇଭିଏମ ଆସି ପହଁଚିଛି । ରେଳ ଯୋଗେ ଉତ୍ତରପ୍ରଦଶରୁ ୭୦ଟି କଂଟେନରରେ ଏହି ସବୁ ଇଭିଏମ ଆସି ଝାରସୁଗୁଡା ଷ୍ଟେସନରେ ପହଁଚିଛି । ତେବେ ବର୍ତ୍ତମାନ ଏସବୁକୁ ଝାରସୁଗୁଡା କଂଟେନର କର୍ପୋରେସନ ।ର୍ଡରେ ରଖାଯାଇଛି । ଏହି ଇଭିଏମ ଗୁଡିକୁ ଆସନ୍ତା ୧୭ ତାରିଖ ମଧରେ ସମସ୍ତ ଜିଲ୍ଲାକୁ ପଠାଯିବ । ଏହି ସମସ୍ତ ଇଭିଏମ ଝାରସୁଗୁଡା, କଟକ, ବରଗଡ, ସୁନ୍ଦରଗଡ, ସମ୍ବଲପୁର, ଦେବଗଡ, କେନ୍ଦୁଝର, ସୁବର୍ଣ୍ଣପୁର, ବଲାଙ୍ଗୀର, ନୂଆପଡା, ଗଞ୍ଜାମ, କଳାହାଣ୍ଡି ଆଦି ଜିଲ୍ଲାକୁ ପଠାଯିବ ।

ହୁଣ୍ଡିର ଆୟ (୬.୮.୧୮)
୨,୧୭,୮୫୭

ଗୁରୁଦିବସରେ ଦିଆଯିବ ମୁଖ୍ୟମନ୍ତ୍ରୀ ମେଧାବୃତି ପୁରସ୍କାର

ଭୁବନେଶ୍ୱର, ୧୩।୮(ସକାଳଖବର): ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଦଶମ ଶ୍ରେଣୀ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ଓଡ଼ିଆ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ମୁଖ୍ୟମନ୍ତ୍ରୀ ମେଧାବୃତି ଏବଂ ଓଡ଼ିଆ ଭାଷାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଘୋଷିତ ଓଡ଼ିଆ ଭାଷା ବୃତି ଆସନ୍ତା ସେପ୍ଟେମ୍ବର ୫ ତାରିଖ ଗୁରୁଦିବସ ଅବସରରେ ରାଜ୍ୟରେ ୩୧୪ଟି ବ୍ଲକ୍‌ରେ ଅନୁଷ୍ଠିତ ଉତ୍ସବରେ ପ୍ରଦାନ କରାଯିବ । ଓଡ଼ିଆ ମାଧମ ବିଦ୍ୟାଳୟରେ ପଢ଼ୁଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିବା ସହ ସେମାନଙ୍କ ମଧରେ ପ୍ରତିଯୋଗିତାମୂଳକ **(ପୃଷ୍ଠା-୭)**

ମାଟି ଅତଡା ଖସି ୧୧ ମୃତ

ସିମଲା, ୧୩।୮ : ହିମାଚଳ ପ୍ରଦେଶରେ ଦୁଇଦିନ ମଧରେ ବର୍ଷା ଓ ମାଟି ଅତଡା ଖସିବା ଜନିତ ଦୁର୍ଘଟଣାରେ ଜଣେ ବିଜେପି ନେତାଙ୍କ ସମେତ ୧୧ ଜଣଙ୍କର ମୃତ୍ୟୁ ଘଟିଛି ।

ସୋଲନ ଜିଲ୍ଲାର କଣ୍ଡାଘାଟ ଉପମଣ୍ଡଳର ଚାକଲା ଗ୍ରାମରେ ରାତ୍ରି ସମୟରେ ଶୋଇଥିବା ବେଳେ ଏକ ପରିବାର ଉପରେ ଛାତ ଭାଙ୍ଗି ଯିବା କାରଣରୁ ସମ୍ପୂର୍ଣ୍ଣ ପରିବାର ଜୀବନ୍ତ ସମାଧି ହୋଇଥିବାର ଖବର ମିଳିଛି । ୪ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ପରିବାରର ୫ମ ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ମୃତକ ମାନେ ଦେବେନ୍ଦ୍ର, ତାଙ୍କ ପତ୍ନୀ ବୀଣା ଏବଂ ତାଙ୍କର ଦୁଇ ଶିଶୁ ବୋଲି ହିନ୍ନର ପଂଚାୟତର ପ୍ରଧାନ ନିସା ଠାକୁର କହିଛନ୍ତି ।

ଏମାନେ ସମସ୍ତେ ଗୋଟିଏ ରୁମରେ ଶୋଇଥିବାବେଳେ ରାତ୍ରୀରେ ଅଚାନକ ବନ୍ୟା ଆସିବାରୁ ଘରର କାନ୍ଥ ଭାଙ୍ଗି ଯାଇଥିଲା ଏବଂ ଘରର ଛାତ ସଂପୂର୍ଣ୍ଣ ଭୁଶୁଡି ପଡ଼ିଥିଲା । ଦେବେନ୍ଦ୍ରଙ୍କ ପିତା ରୁପ ସିଂହ ଅନ୍ୟ ରୁମରେ ଶୋଇ ଥିଲେ । ସେ ଏଥିରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଏହି ଘଟଣା ପରେ କର୍ତ୍ତୃପକ୍ଷଙ୍କୁ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚିଥିବା ଡିସି ବିନୋଦ କୁମାର କହିଛନ୍ତି । ସୂଚନାନୁଯାୟୀ, ପ୍ରବଳ ବର୍ଷା ହେବା କାରଣରୁ ଏହା ବନ୍ୟାର ରୂପ ନେଇଛି ।। ହରିପୁର ଭୋଂରଜ **(ପୃଷ୍ଠା-୭)**

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick